# ପ୍ରଣୟ ସ୍ମୃତି

ତୁମେ ହେ ସହକାର    ଦେଖିଛ ମୋ ପ୍ରିୟାର
ପ୍ରଣୟ ସ୍ମୃତି
ପ୍ରଥମ ସକାଳରୁ    ନୁହଁ ବିସ୍ମୃତ ତରୁ !
ଅନନ୍ତ ଧୃତି ।

ହାତରେ ହାତ ଛନ୍ଦି    ବାହୁରେ ବାହୁ ବାନ୍ଧି
ଅନେକ ବାର
ହେ ଚୂତ ! ତୁମ କୋଳେ    ଅନନ୍ତ ନଭ ତଳେ
ଥରକୁ ଥର ।

ଗଭୀର ଆଶ୍ଳେଷ    ସାନ୍ନିଧ୍ୟ ଭାବାବେଶ
କହେ ମୋ ପ୍ରିୟା
ତୁମେ ଯେ ପରଦେଶୀ    ଆଜି ମୋ ପ୍ରତିବେଶୀ
ଥରଇ ହିଆ ।

କାନନ କୁଞ୍ଜ ମାନୁ    ଝିଲ୍ଲୀ ଝଂକୃତ ବନୁ
ଝରେ ସଂଗୀତ
ମଧୁ ସଂଗୀତ ତାନେ    ମଧୁ ମୂର୍ଚ୍ଛନା ମାନେ
ତନୁ ରଂଜିତ ।

ତରୁ ପତର ଝଡ଼ି          ଭୂମିରେ ଆସି ପଡ଼ି
ଶୁଭେ ନିନାଦ
ପ୍ରିୟା ମୋ ବକ୍ଷପରେ          ଜଡ଼ାଇ ତନୁଶ୍ରୀରେ
ଗଣେ ପ୍ରମାଦ          ।

ସେ ତରୁ ତଳ ଘାସ          ପଣତ ଅବଶେଷ
ପ୍ରିୟା ପରଶ
ପରଶେ ପ୍ରିୟ ଧନ୍ୟ          ଦେଖିନି ପ୍ରାଣୀ ଅନ୍ୟ
କି ଅବଶୋଷ          ।

ବାଲୁକା ଶେଯ ଦେଖି          ପ୍ରିୟା ମୋ ନିରିମାଖି
କହିଲା ପ୍ରିୟ
ତୁଳି ତଳପ ନୁହେଁ          ତୁମ ଅଙ୍ଗ ପଲଙ୍କ
ଦିଏ ଅଭୟ          ।

ସେ ଦିନୁ ସହକାର          ତୁମ କୋମଳ ତଳ
ଦେଖିଛି କିକି
ମୋ ପ୍ରିୟା ଠାରୁ ପ୍ରିୟ          ଆଉକେ ଅଛି କହ
ପ୍ରଣୟିନୀ କି          ?

ବାହୁରେ ବାହୁବନ୍ଧ          ପାଦ ଝୁଣ୍ଟିଆ ନାଦ
ଆଉ କାହାର
ଶୁଣି ନିକ୍ୱଣ ଧ୍ୱନୀ          ଶୁଭେ କି ପ୍ରତିଧ୍ୱନୀ
ଆସି ତୋ ପୁର          ?

ଯେବେ ଗୋ ଅଶ୍ରୁ ଝରେ    ନୟନୁ ସ୍ରୁତିଥରେ
ପ୍ରିୟା ଗୋ ମୋର
ତୁମ ପୀରତି ସଖୁ    ନିବିଡ଼ତର ନିକି
ଥରକୁ ଥର ।

ତୁମ ଅଧର ମୋହ    ହୃଦୟ ଥରା କୋହ
ସେ ଅଶ୍ରୁ ତଳେ
ପୀରତି ବେଦନାରେ    ଥାଏ ଯେ ସୁଖ ଏତେ
ଜାଣେନା ହେଲେ ।

ଚକ୍ଷୁ ନିର୍ଗତ ଜଳ    କରେ ନିକଟରେ
ଆହୁରି ପ୍ରିୟା
ହୃଦେ ପରମ ବ୍ୟଥା    ମୁଖେ ଆସେନା କଥା
ମଣେ ତନ୍ମୟ ।

ତୁମେ ତ ଅଛ ଦୂର !    ନାହିଛି ପ୍ରିୟା ସତ
ନାହିଛି ପ୍ରିୟ
ଭୁଲିଯା ସ୍ୱାଗତିକା    ରାବ ସେ ମରିଚିକା
ଲଭିଛି କ୍ଷୟ ।